# NATIONAL NEWS BULLETIN (ODIA)

## 11 November - 2024

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଗୁଜରାଟର ଶ୍ରୀ ସ୍ୱାମୀ ନାରାୟଣ ମନ୍ଦିରର ୨୦୦ତମ ବାର୍ଷିକ ଉତ୍ସବକୁ ଆଜି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ସୁପ୍ରିମକୋର୍ଟର ୫୧ତମ ପ୍ରଧାନ ବିଚାରପତି ଭାବେ ଆଜି ଶପଥ ଗ୍ରହଣ କରିବେ ବିଚାରପତି ସଞ୍ଜୀବ ଖାନ୍ନା
- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ନିମନ୍ତେ ଆଜି ସନ୍ଧ୍ୟାରେ ଶେଷ ହେବ ପ୍ରଚାର ।
- ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ **କପ୍-୨୯** ଆଜିଠାରୁ ଆରମ୍ଭ ହେବ ଆଜେର-ବଇଜାନ୍ଠାରେ

ଏବଂ

- ସେଣ୍ଟଜର୍ଜ ପାର୍କ ଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ୩ ୱିକେଟ୍‌ରେ ପରାସ୍ତ ହେଲା ଭାରତ ।

# ପିଏମ୍-ସ୍ୱାମୀନାରାୟଣ ମନ୍ଦିର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଗୁଜରାଟର ଭାଟତାଲସ୍ଥିତ ଶ୍ରୀସ୍ୱାମୀ ନାରାୟଣ ମନ୍ଦିରର ୨୦୦ତମ ବାର୍ଷିକ ଉତ୍ସବରେ ଅଂଶ ଗ୍ରହଣ କରିବେ । ଏହି ଅବସରରେ ଶ୍ରୀ ମୋଦୀ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ସ୍ୱାମୀନାରାୟଣ ମନ୍ଦିର ଅନେକ ଦଶନ୍ଧି ଧରି ଲୋକଙ୍କ ମଧ୍ୟରେ ସାମାଜିକ ଓ ଆଧ୍ୟାତ୍ମିକ  ଚେତନା ଜାଗ୍ରତ କରାଇବାରେ ସହାୟକ ହୋଇଛି ।

# ସିଜେଆଇ-ଓଥ୍

ବିଚାରପତି ସଞ୍ଜୀବ ଖାନ୍ନା ଆଜି ସୁପ୍ରିମକୋର୍ଟର ୫୧ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ ।  ଆଜି ପୂର୍ବାହ୍ନରେ  ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଖାନ୍ନାଙ୍କୁ ଶପଥପାଠ କରାଇବେ । ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ଗତକାଲି ଦେଶର ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ କରିବା ପରେ ଆଜି ଜଷ୍ଟିସ୍ ଖାନ୍ନା ଦାୟିତ୍ୱ ଗ୍ରହଣ କରିବେ । ଆମ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ, ୧୯୬୦ ମସିହା ମଇମାସ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିବା ଜଷ୍ଟିସ୍ ସଂଜୀବ ଖାନ୍ନା ୧୯୮୩ ମସିହାରେ ଦିଲ୍ଲୀ ବାର୍ କାଉନ୍‌ସିଲରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇଥିଲେ । ଦିଲ୍ଲୀର ତିସ୍‌ହଜାରୀ କଂପ୍ଲେକ୍ସସ୍ଥିତ ଜିଲ୍ଲା ଅଦାଲତ ଓ ପରେ ଦିଲ୍ଲୀ ଉଚ୍ଚନ୍ୟାୟାଳୟ

ଏବଂ ଅନ୍ୟାନ୍ୟ ଟ୍ରିବ୍ୟୁନାଲ୍‌ରେ ସେ ଆଇନଜୀବୀ ଭାବେ ମାମଲା ପରିଚାଳନା କରିଥିଲେ । ୨୦୦୫ ମସିହାରେ ଜଷ୍ଟିସ୍ ଖାନ୍ନା ଦିଲ୍ଲୀ ହାଇକୋର୍ଟରେ ପ୍ରଥମେ ଅତିରିକ୍ତ ବିଚାରପତି ଏବଂ ୨୦୦୬ ମସିହାରେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ୨୦୧୯ ମସିହାରେ ସେ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ସେ ଇଲେକ୍‌ଟ୍ରୋରାଲ୍ ବଣ୍ଡ୍ ଯୋଜନାର ଉଚ୍ଛେଦ ଓ ଇଭିଏମ୍ ବ୍ୟବହାର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଐତିହାସିକ ରାୟ ପ୍ରଦାନ କରିଛନ୍ତି । ଜଷ୍ଟିସ୍ ଖାନ୍ନା ପ୍ରଧାନବିଚାରପତି ପଦବୀରେ ୬ ମାସ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି ।

## ଝାଡ଼ଖଣ୍ଡ-ପ୍ରଚାର

ଝାଡ଼ଖଣ୍ଡ ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷହେବ । ଏହି ପର୍ଯ୍ୟାୟରେ ୪୩ଟି ବିଧାନସଭା ଆସନ ଲାଗି ଆସନ୍ତା ୧୩ ତାରିଖ ଦିନ ଭୋଟ ଗ୍ରହଣ କରାଯିବ । ଏ ସଂପର୍କରେ ଆମ ସମ୍ବାଦଦାତା ଜଣାଇଛନ୍ତି ଉଭୟ ଏନଡିଏ ଏବଂ ଇଣ୍ଡିମେଣ୍ଟ ପକ୍ଷରୁ ବରିଷ୍ଠ ନେତୃବୃନ୍ଦ ପ୍ରଚାରକୁ ସରଗରମ କରିବା ସହିତ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସାଧାରଣଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି ।

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନ ୧୨ଟା ୩୦ ମିନିଟ୍‌ରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ 'ମେରା ବୁଥ୍ ସବ୍‌ସେ ମଜବୁତ୍' କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନଙ୍କ ସମର୍ଥନରେ ଷଢ଼େଇକଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଦିତ୍ୟପୁରଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେବେ ।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଆଜି ପାନ୍‌କି ଓ ଛତରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦୁଇଟି ପୃଥକ ପୃଥକ ନିର୍ବାଚନୀ ର୍‍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ସେହିଭଳି ବରିଷ୍ଠ ଜେଏମଏମ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ଆଜି ହସନାବାଦ, ଷଢ଼େଇକଲା, ଇଚ୍ଛାଗଡ଼ ଓ ସିଲ୍ଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକରେ ପୃଥକ୍ ପୃଥକ୍ ଜନସମାବେଶରେ ଉଦ୍‌ବୋଧନ ଦେବେ ।

ଏତଦ୍‌ବ୍ୟତୀତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ଭାୱାନାଥପୁର, ପାଲାମୋ, ହସନାବାଦ, ଡାଲଟନ୍‌ଗଞ୍ଜ ଏବଂ ପାନ୍‌କୀ ବିଧାନସଭା ମଣ୍ଡଳୀରେ ପ୍ରଚାର କରିବେ । ସେହିଭଳି ଦଳର ବରିଷ୍ଠ

ନେତା ତଥା ଚଳଚ୍ଚିତ୍ର ତାରକା ମିଥୁନ ଚକ୍ରବର୍ତ୍ତୀ ମଧ୍ୟ ବିଜେପି ପ୍ରାର୍ଥୀ ବାବୁଲାଲ ସୋରେନଙ୍କ ସପକ୍ଷରେ ଆଜି ଘାଟସିଲା ବିଧାନସଭା ମଣ୍ଡଳୀର ସର୍କସ ମଇଦାନ ଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଆସାମ -ବାଇପୋଲ୍

ଆସାମର ୫ବିଧାନସଭା ଆସନ ଲାଗି ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ଆଜି ପ୍ରଚାର କାର୍ଯ୍ୟ ଶେଷ ହେବ । ଏହି ଉପନିର୍ବାଚନରେ ମୋଟ୍ ୩୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସାମାଗୁଡ଼ି ବିଧାନସଭା ଆସନ ଲାଗି ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଢୋଲାଇ ଓ ବୋଙ୍ଗାଇଗାଓଁରୁ ୮ଜଣ ଲେଖାଏଁ, ବେହାଲୀରୁ ୪ ଜଣ, ସିଡ୍‌ଲୀରୁ ୩ଜଣ ପ୍ରାର୍ଥୀ ଏହି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ୧୦ଲକ୍ଷରୁ ଉର୍ଦ୍ଧ୍ୱ ମତଦାତା ଆସନ୍ତା ୧୩ ତାରିଖ ଦିନ ଏହି ସବୁ ଆସନ ଲାଗି ନିଜର ସାମ୍ବିଧାନିକ ମତାଧିକାର ସାବ୍ୟସ୍ତ କରିବେ । ଏନଡିଏ ଓ କଂଗ୍ରେସ ସମସ୍ତ ୫ଟିଯାକ ଆସନରୁ ପ୍ରାର୍ଥୀ ଦେଇଛନ୍ତି । ଏନଡିଏ ପକ୍ଷରୁ ବିଜେପି ୩ଟି ଆସନ ଲାଗି ପ୍ରାର୍ଥୀ ଦେଇଥିବା ବେଳେ ଆସାମ ଗଣପରିଷଦ ଓ ୟୁପିପିଏଲ୍ ଗୋଟିଏ ଲେଖାଏଁ ଆସନ ଲାଗି ନିଜ ନିଜ ପ୍ରାର୍ଥୀ ଦେଇଛନ୍ତି । ଏଥିଲାଗି ଏନ୍‌ଡିଏ, କଂଗ୍ରେସ ଓ ବିପିଏଫ୍‌ର ବରିଷ୍ଠ ନେତୃବୃନ୍ଦ ରୋଡ୍‌ଶୋ, ଜନସମାବେଶ ତଥା ଘରକୁଘର ବୁଲି ଜନସାଧାରଣଙ୍କୁ ନିଜ

ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆକୃଷ୍ଟ କରିବା ଲାଗି ପ୍ରଚେଷ୍ଟା ଜାରି ରଖିଛନ୍ତି ।

## କପ୍-୨୯

ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀର ୨୯ତମ ଅଧିବେଶନ ଆଜିଠାରୁ ଆଜେର-ବଇଜାନ୍‌ର ବାକୁ ଠାରେ ଆରମ୍ଭ ହେବ । ପ୍ରାୟ ୨ ସପ୍ତାହ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଦେଶଗୁଡ଼ିକର ସୁରକ୍ଷା ଲାଗି ଆର୍ଥିକ ଲକ୍ଷ୍ୟ ହାସଲ ଉପରେ  ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି କପ୍-୨୯ ସମ୍ମିଳନୀରେ ଭାରତ ସମେତ ପ୍ରାୟ ୨ଶହ ଦେଶ ଯୋଗ ଦେଉଛନ୍ତି ।

## ଜୟଶଙ୍କର -ରୁଷ୍ ଡିପିଏମ୍

ରୁଷର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଡେନିସ୍ ମାନ୍‌ତୁରୋ ଭାରତ ଗସ୍ତରେ ଆସି ଗତକାଲି ମୁମ୍ବାଇଠାରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଆଜି ଅନୁଷ୍ଠିତ ହେବାକୁ ଥବା ଭାରତ-ରୁଷ ବ୍ୟବସାୟିକ ଫୋରମ୍ ବୈଠକରେ ଶ୍ରୀ ମାନ୍‌ତୁରୋ ଯୋଗଦେବେ । ଦୁଇଦେଶ ମଧ୍ୟରେ ଅର୍ଥନୈତିକ ସଂପର୍କକୁ ଅଧିକ ସଶକ୍ତ କରିବା ଉପରେ

ଭାରତ-ରୁଷ ବ୍ୟବସାୟିକ ଫୋରମ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛି ବୋଲି ଡକ୍ଟର ଜୟଶଙ୍କର ଉଲ୍ଲେଖ କରିଛନ୍ତି ।

## ମଷ୍ଟ-ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ। ଆଜିର ବିଷୟ ବସ୍ତୁ ରହିଛି **'ବାୟୁ ପ୍ରଦୂଷଣ, ଏହାର ପ୍ରଭାବ ଓ ପ୍ରଶମନ'।** ସଫ୍‌ଦରଜଙ୍ଗ ହସ୍ପିଟାଲର ପ୍ରଫେସର ଡାକ୍ତର ନିରଜ ଗୁପ୍ତା ଏବଂ ବରିଷ୍ଠ ପରିବେଶବିତ୍ ମୁକୁଲ ସାନଓ୍ୱାଲ ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୋତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ।

ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ବାୟୁ ପ୍ରଦୂଷଣ ସଂପର୍କିତ ବିଭିନ୍ନ ପ୍ରଶ୍ନ ଆମର ବିଶେଷଜ୍ଞମାନଙ୍କୁ  ପଚାରିବାର ସୁଯୋଗ ପାଇବେ।

ଏଥିରେ ଅଂଶଗ୍ରହଣ କରିବା ପାଇଁ ଆଜି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର 011- 23421050 ଓ 011-23314444 କୁ ଡାଏଲ୍ କରି ନିଜର ପ୍ରଶ୍ନ ପଚାରିପାରିବେ।

ଏହାଛଡ଼ା ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର 9289094044 ମାଧ୍ୟମରେ ଏବଂ  ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ **ଆସ୍କ—ଏୟାର** ହ୍ୟାସଟ୍ୟାଗ୍ ସହ ନିଜ ପ୍ରଶ୍ନ ପୋଷ୍ଟ କରିପାରିବେ।

# ଇଣ୍ଡିଆନ୍- ରୋଡ୍ କଂଗ୍ରେସ

ଭାରତୀୟ ସଡ଼କ କଂଗ୍ରେସର ବାର୍ଷିକ ଅଧିବେଶନ ଆଜି ରାୟପୁରଠାରେ ଉଦ୍‌ଯାପିତ ହେବ । ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ୪ ଦିନିଆ ଅଧିବେଶନରେ ସଡ଼କ ପରିବହନ କ୍ଷେତ୍ର ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଉଛି । ଏଥିସହିତ ସଡ଼କର ମାନ ବୃଦ୍ଧି କରାଯିବା ସହିତ ଦୁର୍ଘଟଣା ହ୍ରାସ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଉପରେ ମଧ୍ୟ ଅଧିବେଶନରେ ଗୁରୁତ୍ୱ ଦିଆଯାଇଛି ।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୩ ବର୍ଷ ମଧ୍ୟରେ ଦେଶରେ ଘଟିଥିବା ବିଭିନ୍ନ ସଡ଼କ ଦୁର୍ଘଟଣାର ତଥ୍ୟକୁ ଭିତ୍ତିକରି କେନ୍ଦ୍ର ସରକାର ବ୍ଲାକ୍ କରିଡର ଓ ହ୍ୱାଇଟ୍ କରିଡର ଚିହ୍ନଟ କରିଛନ୍ତି । ଦୁର୍ଘଟଣା ପ୍ରବଣ ଅଞ୍ଚଳକୁ ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ କରାଯାଇଛି । ସେହିଭଳି ଯେଉଁସବୁ ସ୍ଥାନରେ କୌଣସି ଦୁର୍ଘଟଣା ହୋଇନାହିଁ, ସଂପୃକ୍ତ ଅଞ୍ଚଳକୁ ହ୍ୱାଇଟ୍ କରିଡର ଭାବେ ନାମିତ କରାଯାଇଛି । ସଡ଼କ ସୁରକ୍ଷା ଲାଗି ବିଭିନ୍ନ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରାଯିବା ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି ।

# କ୍ରିକେଟ୍

ଦକ୍ଷିଣ ଆଫ୍ରିକାର ସେଣ୍ଟଜର୍ଜ ପାର୍କ ଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଘରୋଇ ଦଳ ଭାରତକୁ ୩ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୧୨୪ ରନ୍ କରିଥିଲା । ଦଳ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୩୯ ରନ୍ କରିଥିବା ବେଳେ ଅକ୍ସର ପଟେଲ ୨୭ ଓ ତିଲକ ବର୍ମା ୨୦ ରନ୍ ସଂଗ୍ରହ କରିଥିଲେ । ୧୨୫ ରନ୍ ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣଆଫ୍ରିକା ୧୯ ଓଭରରେ ୭ ଓ୍ୱିକେଟ୍ ହରାଇ ୧୨୮ ରନ୍ କରିଥିଲା । ଦଳ ପକ୍ଷରୁ ଟ୍ରିଷ୍ଟାନ ଷ୍ଟବ୍‌ସ ୪୭ ରନ୍ କରି ଅପରାଜିତ ରହିଥିଲେ । ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୫ ଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି । ଟ୍ରିଷ୍ଟାନ୍ ଷ୍ଟବ୍‌ସଙ୍କୁ  ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଦକ୍ଷିଣ ଆଫ୍ରିକାର ଏହି ବିଜୟ ପରେ ଦୁଇଦେଶ ମଧ୍ୟରେ ଚାଲିଥିବା ୪ଟିକିଆ ଟି-୨୦ ସିରିଜ୍ ବର୍ତ୍ତମାନ ୧-୧ରେ ରହିଛି । ଆସନ୍ତା ବୁଧବାର ଦିନ ସିରିଜ୍‌ର ତୃତୀୟ ମ୍ୟାଚ୍ ସେଞ୍ଚୁରିଆନ୍ ଠାରେ ଖେଳାଯିବ ।

# ଏସିଆନ୍ ହକି

ମହିଳା ଏସିଆ ହକି ଚମ୍ପିୟାନ୍ସ ଟ୍ରଫି-୨୦୨୪ ପ୍ରତିଯୋଗିତା ଆଜିଠାରୁ ବିହାରର ରାଜଗୀର ଠାରେ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ସନ୍ଧ୍ୟାରେ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏ ସଂପର୍କରେ ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ବିହାର କ୍ରୀଡ଼ା ପ୍ରାଧିକରଣର ମହାନିର୍ଦ୍ଦେଶକ ରବୀନ୍ଦ୍ରନ୍ ଶଙ୍କରନ୍ କହିଛନ୍ତି ୧୦ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସମେତ ଚୀନ୍, ଜାପାନ, ମାଲେସିଆ, କୋରିଆ, ଥାଇଲ୍ୟାଣ୍ଡ ୬ଟି ଦଳ ଅଂଶ ଗ୍ରହଣ କରୁଛନ୍ତି । ଆଗାମୀ ଦିନରେ ବିହାରକୁ ପୂର୍ବ ଭାରତର ଏକ ପ୍ରମୁଖ କ୍ରୀଡ଼ା ହବ୍ ଭାବେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏଭଳି ସମ୍ମାନଜନକ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିଛନ୍ତି । ଆସନ୍ତା ୨୦ ତାରିଖ ଦିନ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ ।